**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**17 May – 2024**

# ହୋମ୍ ବ୍ୟାଲେଟ୍

ଚଳିତବର୍ଷ ଦେଶରେ ପ୍ରଥମଥର ପାଇଁ ସାଧାରଣ ନିର୍ବାଚନରେ ଦିବ୍ୟାଙ୍ଗ ଏବଂ ବୟସ୍କ ଭୋଟରମାନଙ୍କ ପାଇଁ ଘରେ ରହି ମତଦାନ କରିବାର ସୁବିଧା– ହୋମ୍ ବ୍ୟାଲେଟ୍‌ର ବ୍ୟବସ୍ଥା କରାଯାଇଛି। ଗତ ୧୩ ତାରିଖରେ ରାଜ୍ୟର ୪ଟି ଲୋକସଭା ଓ ଏହା ଅନ୍ତର୍ଗତ ୨୮ଟି ବିଧାନସଭା ଆସନରେ ମୋଟ୍ ୪ ହଜାର ୧୫୮ ଜଣ ବୟସ୍କ ଓ ଦିବ୍ୟାଙ୍ଗ ଭୋଟର ଘରେ ରହି ହୋମ୍ ବ୍ୟାଲେଟ୍ ଜରିଆରେ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ଏହି ବର୍ଗର ଭୋଟରଙ୍କ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ହୋମ୍ ବ୍ୟାଲେଟ୍ ମତଦାନ ଆରମ୍ଭ ହୋଇଛି ।

# ପ୍ରଚାର-ରୋଡ୍ ଶୋ’

ରାଜ୍ୟରେ ଆଉ ୩ଟି ପର୍ଯ୍ୟାୟ ନିର୍ବାଚନ ପାଇଁ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ନିର୍ବାଚନୀ ପ୍ରଚାର ସରଗରମ ହୋଇଉଠିଛି । ବିଭିନ୍ନ ରାଜନୈତିକ ଦଳର ପୁରୁଖା ନେତାମାନେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ଲାଗି ଓଡ଼ିଶା ଆସି ଦଳୀୟ ପ୍ରଚାର କାର୍ଯ୍ୟରେ ଯୋଗ ଦେଉଛନ୍ତି । ଏହି କ୍ରମରେ ଆଜି ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କଟକ ଜିଲ୍ଲା ନରସିଂହପୁର ଠାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧନ କରିବେ ।

ଦଳର ବରିଷ୍ଠ ନେତ୍ରୀ ହେମାମାଳିନୀ ଭୁବନେଶ୍ୱର, କଟକ, ପିପିଲି ଠାରେ ଦଳ ପକ୍ଷରୁ ଆୟୋଜିତ ନିର୍ବାଚନୀ ସଭା ଏବଂ ରୋଡ୍‌ଶୋ'ରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ସେହିପରି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏବଂ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଗଞ୍ଜାମ, ନୟାଗଡ଼ ଓ କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ନିର୍ବାଚନୀ ସଭାଗୁଡ଼ିକରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ।

ଅନ୍ୟପକ୍ଷରେ ବିଜେଡ଼ି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ସମ୍ବଲପୁର, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲା ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ବୋଲି ଜଣାପଡ଼ିଛି। ଗତକାଲି ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ଏକ ରୋଡ୍‌ଶୋ'ରେ ସାମିଲ ହୋଇଥିଲେ।

## ପ୍ରଧାନମନ୍ତ୍ରୀ- ପୁରୀ ଗସ୍ତ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୦ ତାରିଖରେ ପୁରୀ ଗସ୍ତରେ ଆସି ଶ୍ରୀଜୀଉଙ୍କୁ ଦର୍ଶନ କରିବେ । ଏଥିସହିତ ପ୍ରଧାନମନ୍ତ୍ରୀ ପୁରୀ ବଡ଼ଦାଣ୍ଡରେ ଏକ ନିର୍ବାଚନୀ ରୋଡ୍ ଶୋ'ରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ଗଞ୍ଜାମ ଜିଲ୍ଲାରେ ନିର୍ବାଚନ ପାଇଁ ୨୦ କମ୍ପାନୀ

କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ପାଇଁ ଅନୁମୋଦନ କରିଛନ୍ତି । ଏହି ପୋଲିସ୍ କମ୍ପାନୀ ଗୁଡ଼ିକୁ ରିଜର୍ଭଡ୍ ପୋଲିସ୍ ଫୋର୍ସ ଭାବେ ମୁତୟନ ନ ରହି ବିଭିନ୍ନ ବୁଥ୍‌ରେ ମୁତୟନ କରିବା ପାଇଁ ଗଞ୍ଜାମ ଜିଲ୍ଲାପାଳଙ୍କୁ ଶ୍ରୀ ଧଳ ନିର୍ଦ୍ଦେଶ ଦେଇଛନ୍ତି।

# ଖର୍ଚ୍ଚ ପର୍ଯ୍ୟବେକ୍ଷକ-ବୈଠକ

ଗଞ୍ଜାମ ଜିଲ୍ଲାର ଆସିକା ଲୋକସଭା ଏବଂ ୮ଟି ବିଧାନସଭା ଆସନ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୨୦ ତାରିଖରେ ଭୋଟ୍ ଗ୍ରହଣ ହେବ । ଆସ୍କା ଲୋକସଭା ସହିତ ପୋଲସରା, କବିସୂର୍ଯ୍ୟନଗର, ଖଲ୍ଲିକୋଟ ଓ ହିଞ୍ଜିଳି ବିଧାନସଭା ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ଅଧ୍ୟକ୍ଷତାରେ ଛତ୍ରପୁର ଠାରେ ଲିଡ୍ ବ୍ୟାଙ୍କଗୁଡ଼ିକର ପରିଚାଳକମାନଙ୍କର ଏକ ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ନଗଦ ଟଙ୍କା ନେଣଦେଣ କାରବାରକୁ ସୀମିତ ରଖିବା ଏବଂ ବ୍ୟାଙ୍କ ଖାତା ଜରିଆରେ କାରବାର ଉପରେ ଅଧିକ ଗୁରୁତ୍ୱ ଦେବାକୁ ବ୍ୟାଙ୍କ ଗୁଡ଼ିକୁ କୁହାଯାଇଛି ।

ସେହିଭଳି ବଲାଙ୍ଗୀର ସଂସଦୀୟ କ୍ଷେତ୍ର ଏବଂ ବୀରମହାରାଜପୁର, ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିରପେକ୍ଷ, ସ୍ୱଚ୍ଛ ଓ ବ୍ୟବସ୍ଥିତ ଭାବେ ନିର୍ବାଚନ ସଂପନ୍ନ କରିବା ନେଇ ଗତକାଲି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟବେକ୍ଷକ ରାଜନ ବିଶାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ବେଦନଶୀଳ ବୁଥ୍ ଗୁଡ଼ିକ ଚିହ୍ନଟ ଏବଂ ପରିଚାଳନା ଲାଗି ମଧ୍ୟ ସମୀକ୍ଷା କରାଯାଇଥିଲା ।

# ସାରଥୀ ପୋର୍ଟାଲ୍ ବନ୍ଦ

ନୂଆ ଡ୍ରାଇଭିଂ ଲାଇସେନ୍ସ ଏବଂ ଲର୍ଣ୍ଣିଂ ଲାଇସେନ୍ସ ଅନ୍‌ଲାଇନ୍ ଆବେଦନକାରୀଙ୍କ ପାଇଁ ସାରଥୀ ପୋର୍ଟାଲ୍ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ । ସାରଥୀ ପୋର୍ଟାଲ୍‌ର ରକ୍ଷଣାବେକ୍ଷଣ କାର୍ଯ୍ୟ ଚାଲୁ ରହିଥିବାରୁ ଏହାକୁ ବନ୍ଦ ରଖାଯାଇଥିବା ପରିବହନ ବିଭାଗ ସୂତ୍ରରୁ ଜଣାପଡ଼ିଛି ।

# ଉଚ୍ଚ ରକ୍ତଚାପ ଦିବସ

ଉଚ୍ଚ ରକ୍ତଚାପ–ହାଇ ବ୍ଲଡ୍ ପ୍ରେସର୍‌ର ପ୍ରତିରୋଧ, ଚିହ୍ନଟ ଓ ନିୟନ୍ତ୍ରଣକୁ ନେଇ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳନ କରାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୨୦୦୬ ମସିହାରୁ ଏହି ଦିବସ ପାଳନ କରାଯାଉଛି। ଶରୀରର ଧମନୀ ଓ ମୁଖ୍ୟ ରକ୍ତବାହିକା ଗୁଡ଼ିକର ୱାଲ୍‌ରୁ ବିପରୀତ ସଂଚାଳିତ ରକ୍ତ ଦ୍ୱାରା ନିର୍ଗତ ବଳ ହେଉଛି ଉଚ୍ଚ ରକ୍ତଚାପ । ହୃତ୍‌ପିଣ୍ଡର ସଂକୁଚିତ ବା ସ୍ପନ୍ଦିତ ପ୍ରକ୍ରିୟା ରକ୍ତବାହିକାରେ ଚାପ ଏହା ଅନୁସାରେ ହୋଇଥାଏ । ଚଳିତବର୍ଷର ବିଶ୍ୱ ଉଚ୍ଚ ରକ୍ତଚାପ ଦିବସର ବାର୍ତ୍ତା ହେଉଛି **ନିର୍ଭୁଲ ଭାବେ ନିଜର ରକ୍ତଚାପ ମାପନ୍ତୁ, ଏହାକୁ ନିୟନ୍ତ୍ରଣରେ ରଖନ୍ତୁ ଏବଂ ଦୀର୍ଘଜୀବୀ ହୁଅନ୍ତୁ।** ତଥ୍ୟ ଅନୁସାରେ ପୃଥିବୀର ପ୍ରାୟ ୧୦୦ କୋଟି ଉଚ୍ଚ ରକ୍ତଚାପ ରୋଗୀଙ୍କ ମଧ୍ୟରୁ ଭାରତରେ ୨୨ କୋଟି ଉଚ୍ଚ ରକ୍ତଚାପ ରୋଗୀ ରହିଥିବା ଜଣାପଡ଼ିଛି।

# ବିଶ୍ୱ ଦୂରସଂଚାର ଦିବସ

ସୂଚନା ଓ ପ୍ରଯୁକ୍ତି, ଇଣ୍ଟରନେଟ୍ ଭଳି ଆଧୁନିକ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ବର୍ତ୍ତମାନ ସମୟରେ ସମାଜ ଉପରେ ଗଭୀର ପ୍ରଭାବ ସୃଷ୍ଟି କରିଛି । ସମାଜ ଉପରେ ଏହାର ପ୍ରଭାବକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ୨୦୦୬ ମସିହାରୁ ମିଳିତ ଜାତିସଂଘ ପକ୍ଷରୁ ଆଜିର ଦିନକୁ ବିଶ୍ୱ ଦୂରସଂଚାର ଦିବସ ରୂପେ ପାଳନ କରାଯାଉଛି। ସୂଚନାଯୋଗ୍ୟ ୧୮୬୫ ମସିହା ଆଜିର ଦିନରେ ଆନ୍ତର୍ଜାତିକ ଦୂରସଂଚାର ସଂଘ-ଇଣ୍ଟରନ୍ୟାଶନାଲ୍ ଟେଲି କମ୍ୟୁନିକେସନ୍ ୟୁନିୟନ୍ ଗଠନ କରାଯାଇଥିଲା।

## ପାଣିପାଗ

ଦକ୍ଷିଣ ଗୋଲାର୍ଦ୍ଧ ବିଷୁବରେଖା ଅତିକ୍ରମ କରୁଥିବା ପବନ ଆରବ ସାଗରକୁ ଆସୁଛି । ଆରବ ସାଗରରୁ ଏହି ପବନ ବଙ୍ଗୋପସାଗରରେ ପହଞ୍ଚୁଥିବାରୁ ଆସନ୍ତା  ୩ରୁ ୪ ଦିନ ମଧ୍ୟରେ ଦିନ ତାପମାତ୍ରା ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଏହି ସମୟ ମଧ୍ୟରେ କେତେକ ଜିଲ୍ଲାରେ ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି ।